**ବ୍ରିଜ୍ ମୋହନ ସିଂହ**

**ବନାମ**

**ପ୍ରିୟ ବ୍ରତ ନାରେନ୍ ସିହ୍ନା ଏବଂ ଅନ୍ୟମାନେ**

ଫେବୃଆରୀ 5,1964

[ମୁଖ୍ୟ ନାୟାଧୀଶ ପି. ବି. ଗଜେନ୍ଦ୍ରଗଡକର, କେ. ଏନ୍. ୱାଞ୍ଚୁ, କେ. ସି. ଦାସ ଗୁପ୍ତା, ଜେ. ସି. ଶାହା ଏବଂ ଏନ୍. ରାଜାଗୋପାଳ ଆୟାଙ୍ଗର, ନ୍ୟାୟମୂର୍ତ୍ତିବୃନ୍ଦ]

*ପ୍ରମାଣ ଅଧିନିୟମ (1/1872)-ଧାରା 35 - ଅଶିକ୍ଷିତ ବ୍ୟକ୍ତିଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଇଥିବା ସରକାରୀ ଅଭିଲେଖରେ, ତାଙ୍କର ଅନୁରୋଧରେ ଅନ୍ୟ କାହା ଦ୍ୱାରା ପ୍ରବେଶ - ଗ୍ରହଣୀୟତା ।*

ଆବେଦନକାରୀ ଏବଂ ଉତ୍ତରଦାତା ହେଲେ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ । ଆବେଦନକାରୀ ସଂଖ୍ୟାଗରିଷ୍ଠ ମତ ପାଇଲେ ଏବଂ ନିର୍ବାଚିତ ଘୋଷିତ ହେଲେ । ଏହି ନିର୍ବାଚନକୁ ଉତ୍ତରଦାତାଙ୍କ ଦ୍ୱାରା ଏହି ଆଧାରରେ ଆପତ୍ତି କରାଗଲା ଯେ ଆବେଦନକାରୀ ନାମାଙ୍କନ ପତ୍ର ଦାଖଲ ତାରିଖ ସୁଦ୍ଧା 25 ବର୍ଷ ବୟସରେ ପଦାର୍ପଣ କରିନଥିଲେ ଏବଂ ସେହି କାରଣରୁ ସମ୍ବିଧାନର ଅନୁଚ୍ଛେଦ 173 ଅନୁଯାୟୀ ବିଧାନସଭାର ସଦସ୍ୟ ହେବା ପାଇଁ ଅଯୋଗ୍ୟ ଘୋଷିତ ହେବାର ଥିଲା । ଯେ ସେ ବିହାର ସରକାରଙ୍କ ଅଧୀନରେ ନିର୍ଦ୍ଧିଷ୍ଟ ଏବଂ ବ୍ୟକ୍ତିଗତ କ୍ଷମତାରେ ସ୍ଥାୟୀ ଚୁକ୍ତିପତ୍ର ରଖିଥିଲେ ଏବଂ ଏହିପରି ସେ , ଲୋକ ପ୍ରତିନିଧି ଅଧିନିୟମର ଧାରା 7 (d) ଅନୁଯାୟୀ ଅଯୋଗ୍ୟ ଘୋଷିତ ହେବାର ଥିଲା  ଏବଂ *"ବାଗୁଲା ନେତା ସେ ହୋସିଆର "* ଶୀର୍ଷକ ଥିବା ବଣ୍ଟନପତ୍ରଗୁଡ଼ିକର ପ୍ରକାଶନ ଏବଂ ବିତରଣ ପାଇଁ ସେ ଏବଂ ତାଙ୍କ ଦଳର ସଦସ୍ୟମାନେ ସିଧାସଳଖ ଦାୟୀ ଥିଲେ, ଯେଉଁଥିରେ ଉତ୍ତରଦାତାଙ୍କ ବ୍ୟକ୍ତିଗତ ଚରିତ୍ର ବିରୁଦ୍ଧରେ ସିଧାସଳଖ ଆକ୍ଷେପ ଏବଂ ଅପବାଦ  ରହିଥିଲା, ଯାହା ଆବେଦନକାରୀଙ୍କ ମତରେ ମିଥ୍ୟା ଥିଲା ।

ନିର୍ବାଚନ ନ୍ୟାୟାଧିକରଣଙ୍କ ଦ୍ୱାରା ନିର୍ବାଚନ ଆବେଦନକୁ ଖାରଜ କରିଦିଆଗଲା । ଉତ୍ତରଦାତା ଜଣକ ଉଚ୍ଚ ନ୍ୟାୟାଳୟରେ ଆବେଦନ କଲେ । ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଆବେଦନକାରୀ ସରକାରୀ କାଗଜପତ୍ର ରଖିଥିଲେ ଏବଂ ଆବେଦନରେ ଆବେଦନକାରୀ ଏକ ଦୁର୍ନୀତିଗ୍ରସ୍ତ କାର୍ଯ୍ୟରେ ଲିପ୍ତ ଥିବା ଯୋଗୁଁ ଦୋଷୀ ଥିଲେ ଏବଂ

ଆବେଦନକାରୀଙ୍କ ନିର୍ବାଚନକୁ ଏହି ଆଧାରରେ ରଦ୍ଦ କରିଦେଲେ ଯେ ନାମାଙ୍କନ ପତ୍ର ଦାଖଲ ତାରିଖ ସୁଦ୍ଧା, ତାଙ୍କର ବୟସ 25 ବର୍ଷରୁ କମ୍ ଥିଲା ଏବଂ ଆବେଦନକାରୀ ଏକ ଦୁର୍ନୀତିଗ୍ରସ୍ତ କାର୍ଯ୍ୟରେ ଲିପ୍ତ ଥିବା ଯୋଗୁଁ ଦୋଷୀ ଥିଲେ କାରଣ ସେ ଆପତ୍ତିଜନକ ବଣ୍ଟନପତ୍ର ପ୍ରକାଶ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଯୋଗ୍ୟତା ପ୍ରମାଣପତ୍ର ସହିତ ଆବେଦନକାରୀ ଏହି ନ୍ୟାୟାଳୟରେ ଆବେଦନ କଲେ । ଆବେଦନକୁ ଅନୁମତି ଦେଇ :

ନିର୍ଣ୍ଣୟ ନିଆଗଲା : (i) ଆବେଦନକାରୀ ତାଙ୍କ ନାମାଙ୍କନ ତାରିଖ ସୁଦ୍ଧା 25 ବର୍ଷ ବୟସରେ ପଦାର୍ପଣ କରିନାହାନ୍ତି ବୋଲି ପ୍ରମାଣ କରିବାର ଦାୟିତ୍ୱ ଉତ୍ତରଦାତାଙ୍କ ଉପରେ ଥିଲା ଏବଂ ସେ ଏହା ପ୍ରମାଣ କରିବାରେ ବିଫଳ ହେଲେ ଏବଂ ତେଣୁ ଆବେଦନକାରୀଙ୍କ ନିର୍ବାଚନକୁ ସେହି ଆଧାରରେ ରଦ୍ଦ କରାଯାଇପାରିବ ନାହିଁ ।

ଜଣେ ଅଶିକ୍ଷିତ ଚୌକିଦାରଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଇଥିବା ସରକାରୀ ଅଭିଲେଖରେ ତାଙ୍କ ଅନୁରୋଧରେ ଅନ୍ୟ କାହା ଦ୍ୱାରା କରାଯାଇଥିବା ପ୍ରବେଶ, ପ୍ରମାଣ ଅଧିନିୟମର ଧାରା 35 ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ ନାହିଁ ।

(ii) ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧି କିମ୍ବା ଆବେଦନକାରୀ କିମ୍ବା ତାଙ୍କ ନିର୍ବାଚନ ପ୍ରତିନିଧିଙ୍କ ସମ୍ମତିରେ, ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ବଣ୍ଟନପତ୍ର ପ୍ରକାଶନକୁ ପ୍ରମାଣିତ କରିବାରେ ଉତ୍ତରଦାତା ସକ୍ଷମ ହେଲେ ନାହିଁ, ତେଣୁ ନିର୍ବାଚନ ନ୍ୟାୟାଧିକରଣ ଏହି ସିଦ୍ଧାନ୍ତରେ ଉପନୀତ ହେବାରେ ଠିକ୍ ଥିଲେ ଯେ ଧାରା 123 (4) ଅନୁଯାୟୀ, ଆବେଦନକାରୀଙ୍କ ଦ୍ୱାରା କୌଣସି ଦୁର୍ନୀତିଗ୍ରସ୍ତ କାର୍ଯ୍ୟ କରାଯାଇଛି ବୋଲି ପ୍ରମାଣିତ ହୋଇନାହିଁ ।

ଦେୱାନୀ ଆବେଦନ ଅଧିକରିତା : ଦେୱାନୀ ଆବେଦନ ସଂଖ୍ୟା 9/1964

ନିର୍ବାଚନ ଆବେଦନ ସଂଖ୍ୟା 2/1963 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ ସେପ୍ଟେମ୍ବର 9, 1964 ରେ ହୋଇଥିବା ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ସି. ବି. ଅଗ୍ରୱାଲ, ଏଲ୍. ଏମ୍. ଶର୍ମା* ଏବଂ *ଡି. ଏନ୍. ମୁଖାର୍ଜୀ* ।

ଉତ୍ତରଦାତା ସଂଖ୍ୟା 1 ଙ୍କ ପାଇଁ *ସର୍ଜୁ ପ୍ରସାଦ* ଏବଂ *କେ. କେ. ସିହ୍ନା* ।

**ନ୍ୟାୟମୂର୍ତ୍ତି ଦାସ ଗୁପ୍ତାଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1962 ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିହାର ବିଧାନସଭା ପାଇଁ ଔରଙ୍ଗାବାଦ ନିର୍ବାଚନମଣ୍ଡଳୀ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ଆବେଦନକାରୀ ବ୍ରିଜ୍ ମୋହନ ସିଂହ ଏବଂ ଉତ୍ତରଦାତା ପ୍ରିୟ ବ୍ରାତ ନାରେନ୍ ସିହ୍ନା ଥିଲେ । 1962 ମସିହା ଫେବୃଆରୀ 21 ତାରିଖରେ ମତଦାନ ଅନୁଷ୍ଠିତ ହେଲା । ଆବେଦନକାରୀ ସଂଖ୍ୟାଗରିଷ୍ଠ ମତ ପାଇଲେ ଏବଂ ନିର୍ବାଚିତ ଘୋଷିତ ହେଲେ । ସେହି ସମୟରେ ସଦସ୍ୟ ଥିବା ଉତ୍ତରଦାତା ପ୍ରିୟ ବ୍ରତ ବାବୁ ଏପ୍ରିଲ 9,1962 ରେ ହାରିଗଲେ , ସେ ଆବେଦନକାରୀଙ୍କ ନିର୍ବାଚନର ବୈଧତାକୁ ଆପତ୍ତି କରି ଏକ ଆବେଦନ ଦାଖଲ କଲେ ।ସେ ଏକ ଘୋଷଣା ପାଇଁ ପ୍ରାର୍ଥନା କଲେ ଯେ ଆବେଦନକାରୀ ବ୍ରିଜ୍ ମୋହନ ସିଂହଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ଏବଂ ତାଙ୍କୁ (ପ୍ରିୟ ବ୍ରତ ନାରେନ୍ ସିହ୍ନାଙ୍କୁ) ଔରଙ୍ଗାବାଦ ନିର୍ବାଚନମଣ୍ଡଳୀରୁ ବିହାର ବିଧାନସଭାକୁ ବିଧିବଦ୍ଧ ଭାବରେ ନିର୍ବାଚିତ ଘୋଷଣା କରାଯାଉ । ଯେଉଁ ଆଧାରଗୁଡିକରେ ଆବେଦନକାରୀଙ୍କ ନିର୍ବାଚନକୁ ଆପତ୍ତି କରାଗଲା ତାହା ମଧ୍ୟରେ ଏହି ତିନୋଟି କରଣ ଥିଲା : -

(1) ଆବେଦନକାରୀ 1937 ମସିହା ଅକ୍ଟୋବର ମାସ 15 ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଏବଂ ନାମାଙ୍କନ ପତ୍ର ଦାଖଲ ତାରିଖ ସୁଦ୍ଧା ତାଙ୍କ ବୟସ 25 ବର୍ଷରୁ କମ୍ ଥିଲା, ତେଣୁ ସମ୍ବିଧାନର ଅନୁଚ୍ଛେଦ 137 ଅନୁଯାୟୀ ସେ ବିହାର ବିଧାନସଭାର ସଦସ୍ୟ ହେବା ପାଇଁ ଅଯୋଗ୍ୟ ଘୋଷିତ ହେବାର ଥିଲା :

(2) ସେ ବିହାର ସରକାରଙ୍କ ଅଧୀନରେ ତାଙ୍କ ପୃଥକ ଏବଂ ବ୍ୟକ୍ତିଗତ କ୍ଷମତାରେ ସ୍ଥାୟୀ ଚୁକ୍ତିପତ୍ର ରଖିଥିଲେ ଏବଂ ଏହିପରି ଲୋକ ପ୍ରତିନିଧି ଅଧିନିୟମର ଧାରା 7 ( d) ଅନୁଯାୟୀ ଅଯୋଗ୍ୟ ଘୋଷିତ ହେବାର ଥିଲା :

(3) ଆବେଦନକାରୀ, ଏବଂ ତାଙ୍କ ସମ୍ମତି ସହିତ, ତାଙ୍କ ଦଳର ସଦସ୍ୟ ରାମେଶ୍ୱର ପ୍ରସାଦ ସିଂହ ଏବଂ ଅନ୍ୟମାନେ (ଯେଉଁମାନଙ୍କ ନାମ ଉଲ୍ଲେଖ କରାଯାଇଛି) ପ୍ରତ୍ୟକ୍ଷ ଭାବରେ ଉତ୍ତରଦାତାଙ୍କର ବ୍ୟକ୍ତିଗତ ଚରିତ୍ର ବିରୁଦ୍ଧରେ ସିଧାସଳଖ ଆକ୍ଷେପ ଏବଂ ଅପବାଦ ଥିବା ବଣ୍ଟନପତ୍ରଗୁଡିକର ନକଲ ପ୍ରକାଶନ ଏବଂ ସେଗୁଡିକର ବଣ୍ଟନ ପାଇଁ ସିଧାସଳଖ ଦାୟୀ ଥିଲେ, ଯାହାକି ଆବେଦନକାରୀଙ୍କ ଜ୍ଞାନ ଅନୁଯାୟୀ ମିଥ୍ୟା ଥିଲା :

ନିର୍ବାଚନ ନ୍ୟାୟାଧିକରଣ ଏହା ସମ୍ମୁଖରେ ଉପସ୍ଥାପିତ ମୌଖିକ ଏବଂ ଦସ୍ତାବିଜ ସାକ୍ଷ୍ୟ ଉପରେ ବିଚାର କରି ନିର୍ଣ୍ଣୟ ନେଲେ ଯେ ଏଗୁଡିକ ମଧ୍ୟରୁ ଗୋଟିଏ କିମ୍ବା ଅନ୍ୟ କୌଣସି ଆଧାରଗୁଡିକ,

ଯାହା ଉପରେ ନିର୍ବାଚନର ବୈଧତାକୁ ଆପତ୍ତି କରାଯାଇଥିଲା ସେଗୁଡିକ ପ୍ରମାଣିତ ହେଲା ନାହିଁ l ତଦନୁସାରେ, ନ୍ୟାୟାଧିକରଣ ଏହି ଆବେଦନକୁ ଖାରଜ କରିଦେଲେ l

ଆବେଦନ ଉପରେ, ପାଟନା ଉଚ୍ଚ ନ୍ୟାୟାଳୟ,ନିର୍ବାଚନ ନ୍ୟାୟାଧିକରଣଙ୍କର ରାୟ ଏବଂ ଆଦେଶକୁ ରଦ୍ଦ କରିଦେଲେ ଏବଂ ବିହାର ବିଧାନସଭାକୁ ଆବେଦନକାରୀ ବ୍ରିଜ୍ ମୋହନ ସିଂହଙ୍କ ନିର୍ବାଚନକୁ ରଦ୍ଦ କରି ଏକ ଆଦେଶ ଦେଲେ l ତେବେ ଉଚ୍ଚ ନ୍ୟାୟାଳୟ ବିଧିବଦ୍ଧ ଭାବେ ନିର୍ବାଚିତ ଘୋଷିତ ହେବା ପାଇଁ ଉତ୍ତରଦାତାଙ୍କର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ l

ଉଚ୍ଚ ନ୍ୟାୟାଳୟଙ୍କର ଏହି ଆଦେଶ ବିରୁଦ୍ଧରେ ବର୍ତ୍ତମାନର ଆବେଦନକୁ ସମ୍ବିଧାନର ଅନୁଚ୍ଛେଦ 133 (1) (b) ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵାରା ମଞ୍ଜୁର କରାଯାଇଥିବା ଏକ ପ୍ରମାଣପତ୍ର ଉପରେ ପ୍ରାଥମିକତା ଦିଆଯାଇଛି l

ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ କେବଳ ତିନୋଟି କାରଣ ଉପରେ ଗୁରୁତ୍ଵ ଦିଆଯାଇଥିବା ପରି ମନେହୁଏ, ଯାହା ଉପରେ ଆମେ ଉଲ୍ଲେଖ କରିଛୁ l ଉଚ୍ଚ ନ୍ୟାୟାଳୟ, ନିର୍ବାଚନ ନ୍ୟାୟାଧିକରଣଙ୍କ ସହ ସହମତ ହୋଇଥିଲେ ଯେ ଆବେଦନକାରୀ ତାଙ୍କ ବ୍ୟକ୍ତିଗତ କ୍ଷମତାରେ ସରକାରଙ୍କ ଅଧୀନରେ ଏକ ଚୁକ୍ତିପତ୍ର ରଖିଥିବାର ଅଭିଯୋଗ ପ୍ରମାଣିତ ହୋଇନାହିଁ l ଅନ୍ୟ ଦୁଇଟି କାରଣ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟ, ନିର୍ବାଚନ ନ୍ୟାୟାଧିକରଣ ସହ ଅସହମତି ପ୍ରକାଶ କରିଥିଲେ l ଉଚ୍ଚ ନ୍ୟାୟାଳୟ ଧରି ନେଲେ ଯେ ଆବେଦନକାରୀ ନାମାଙ୍କନ ଦାଖଲ ତାରିଖ ସୁଦ୍ଧା, 25 ବର୍ଷରୁ କମ୍ ବୟସର ଥିଲେ ଏବଂ ତେଣୁ ବିହାର ବିଧାନସଭା ପାଇଁ ପ୍ରାର୍ଥୀ ହେବାକୁ ଯୋଗ୍ୟ ନଥିଲେ lଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ଧରି ନେଲେ ଯେ, ଆବେଦନକାରୀ ଏକ ବଣ୍ଟନ ପତ୍ର (ପ୍ରଦର୍ଶିତ 10) ପ୍ରକାଶ କରିଛନ୍ତି, ଯେଉଁଥିରେ ଉତ୍ତରଦାତାଙ୍କର ବ୍ୟକ୍ତିଗତ ଚରିତ୍ର ଉପରେ ଆକ୍ଷେପ କରାଯାଇଛି ଏବଂ ଏହିପରି ସେ, ଲୋକ ପ୍ରତିନିଧି ଅଧିନିୟମର ଧାରା 123(4)ର ଅର୍ଥ ମଧ୍ୟରେ ଦୁର୍ନୀତିଗ୍ରସ୍ତ କାର୍ଯ୍ୟରେ ଲିପ୍ତ ହୋଇଥିବା ହେତୁ ଦୋଷୀ ଅଟନ୍ତି l ପୂର୍ବରେ ଉଲ୍ଲେଖ କରାଯାଇଥିବା ଭଳି ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ନିର୍ବାଚନକୁ ରଦ୍ଦ କରିଦେଲେ l

`ବୟସ ସମ୍ବନ୍ଧୀୟ ପ୍ରଶ୍ନ ଏବଂ ଦସ୍ତାବିଜ (ପ୍ରଦର୍ଶିତ 10) ର ପ୍ରକାଶନ ସମ୍ବନ୍ଧୀୟ ପ୍ରଶ୍ନ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତକୁ ଆମ ସମ୍ମୁଖରେ ଆପତ୍ତି କରାଯାଇଛି lଏପରିକି , ଏହା ମଧ୍ୟ

ଅନୁରୋଧ କରାଗଲା, ଯେ ଯେକୌଣସି ପରିସ୍ଥିତିରେ ବଣ୍ଟନପତ୍ର (ପ୍ରଦର୍ଶିତ 10) ଉତ୍ତରଦାତାଙ୍କର ବ୍ୟକ୍ତିଗତ ଚରିତ୍ର ଉପରେ ଏକ ଆକ୍ଷେପ ସଦୃଶ ନୁହେଁ ।

> [ପ୍ରମାଣ ଉପରେ ବିଚାର କରିବା ପରେ ନ୍ୟାୟାଧୀଶ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଆବେଦନକାରୀ କୌଣସି ଦୁର୍ନୀତିଗ୍ରସ୍ତ କାର୍ଯ୍ୟ କରିଛନ୍ତି କିମ୍ବା ନାମାଙ୍କନ ପତ୍ର ଦାଖଲ ତାରିଖ ସୁଦ୍ଧା, ସେ ପଚିଶ ବର୍ଷ ବୟସରୁ କମ୍ ଥିଲେ ବୋଲି ପ୍ରମାଣିତ ହୋଇନାହିଁ ।ନ୍ୟାୟାଧୀଶ ଧରି ନେଲେ ଯେ, ଜଣେ ଅଶିକ୍ଷିତ ସରକାରୀ କର୍ମଚାରୀଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଇଥିବା ସରକାରୀ ଅଭିଲେଖରେ, ତାଙ୍କ ଅନୁରୋଧରେ ଅନ୍ୟ କାହା ଦ୍ୱାରା କରାଯାଇଥିବା ଏକ ପ୍ରବେଶ, ପ୍ରମାଣ ଅଧିନିୟମର ଧାରା 35 ଅନୁଯାୟୀ ପ୍ରାସଙ୍ଗିକ କି ନୁହେଁ ?]

*ହାତ-ଚିଠାର* ବସ୍ତୁଗତ ଉପସ୍ଥିତି ଏବଂ ସେଥିରେ କରାଯାଇଥିବା ପ୍ରବେଶର ଯାଞ୍ଚ, ଚୌକିଦାରଙ୍କ ପ୍ରମାଣ ଏବଂ ଯେଉଁ ପରିସ୍ଥିତିରେ ଏହି ଦସ୍ତାବିଜ ଶେଷରେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା, ସେହି କ୍ଷେତ୍ରରେ ଆମେ ନିର୍ବାଚନ ନ୍ୟାୟାଧିକରଣଙ୍କର ଦୃଷ୍ଟିକୋଣ ସହିତ ସହମତ ହେବାକୁ ଆଗ୍ରହୀ ଯେ ଏହା ଏକ ପ୍ରକୃତ ଦସ୍ତାବିଜ, ଯାହାକୁ ଚୌକିଦାର ତାଙ୍କର ସରକାରୀ କର୍ତ୍ତବ୍ୟ ନିର୍ବାହ କରିବାର ଦାୟିତ୍ୱ ସକାଶେ ରକ୍ଷଣାବେକ୍ଷଣ କରିଥିଲେ । ଯଦି ଆବେଦନକାରୀଙ୍କୁ ସାହାଯ୍ୟ କରିବା ପାଇଁ ଏହି ଦସ୍ତାବିଜ ପ୍ରସ୍ତୁତ କରାଯାଇଥିଲା, ତେବେ ଆମେ ଭାବୁନାହୁଁ ଯେ ଚୌକିଦାର ଏହାକୁ ସହଜରେ ଉପସ୍ଥାପନ କରିବାକୁ ମନା କରି ଦେଇଥାନ୍ତେ, ଯେତେବେଳେ ତାଙ୍କୁ ଏପରି କରିବାକୁ ଡାକରା ଦିଆଯାଇଥିଲା । ତାଙ୍କ ବିରୋଧରେ ଗିରଫ ପରୱାନା କରାଯିବାର ଏକ ବିଶ୍ୱାସଯୋଗ୍ୟ ପରିସ୍ଥିତି ଏହା ଯେ ଚୌକିଦାର ଏହାକୁ ଉପସ୍ଥାପନ କରିବାକୁ ରାଜି ନଥିଲେ । ଶ୍ରୀ ସର୍ଜୁ ପ୍ରସାଦଙ୍କ ଏହି ତର୍କରେ ଆମେ ପ୍ରଭାବିତ ହୋଇନାହୁଁ, ଯେ ଡାକରାକୁ ପାଳନ କରି ଦସ୍ତାବିଜକୁ ଉପସ୍ଥାପନ କରିବା ପାଇଁ ଚୌକିଦାରଙ୍କୁ ବାଦ ଦେବା ଏବଂ ଏହାକୁ ସହଜରେ ଉପସ୍ଥାପନ କରିବା ପାଇଁ ଗିରଫ ପରୱାନା ଜାରି କରି, ଏହି ଦସ୍ତାବିଜକୁ ପ୍ରକୃତ ବୋଲି ଗ୍ରହଣ କରିବା ପାଇଁ ଏକ ପରିବେଶ ସୃଷ୍ଟି କରିବା ନିମିତ୍ତ, ଏଗୁଡିକ ସମସ୍ତ ଏକ ପୂର୍ବ-ବ୍ୟବସ୍ଥା ଭଳି । ନିର୍ବାଚନ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଓକିଲମାନେ ସମ୍ଭବତଃ ନିଶ୍ଚିତ ହୋଇପାରିନଥାନ୍ତେ ଯେ ନ୍ୟାୟାଧିକରଣ ଶେଷ ଉପାୟରେ ଏକ ଗିରଫ ପରୱାନା ଜାରି କରିବେ । ଏହା ସମ୍ଭବ ନୁହେଁ ଯେ ସେମାନେ ଏପରି ଆଶଙ୍କାକୁ ଆପଣେଇ ନେବେ,ଯାହା ଦ୍ୱାରା ଦସ୍ତାବିଜଟି ଆଦୌ ଉପସ୍ଥାପନା ହୋଇପାରିବ ନାହିଁ ।

ଆମ ମତରେ, ଏହି ଦସ୍ତାବିଜଟି ଏବଂ ସେହି ପୁସ୍ତକ ଯେଉଁଟିକୁ, ଚୌକିଦାରଙ୍କ ଦ୍ୱାରା 1934 ରୁ 1936 ମସିହା ମଧ୍ୟରେ ତାଙ୍କ ଇଲାକାରେ ଜନ୍ମ ସମ୍ବନ୍ଧୀୟ ଉଲ୍ଲେଖ କରିବା ପାଇଁ ରକ୍ଷଣାବେକ୍ଷଣ କରାଯାଇଥିଲା, ସେହି ଦୁଇଟିଯାକ ପ୍ରକୃତ ଅଟନ୍ତି । 1935 ମସିହା ଅକ୍ଟୋବର 15 ତାରିଖରେ ସରଜୁ ସିଂହଙ୍କର ଏକ ପୁତ୍ରଙ୍କର ଜନ୍ମକୁ ଦର୍ଶାଉଥିବା ପ୍ରବେଶ ଆବେଦନକାରୀଙ୍କୁ କୌଣସି ସାହାଯ୍ୟ କରିପାରିବ ନାହିଁ, ଯେ ପର୍ଯ୍ୟନ୍ତ ଏହି ପ୍ରବେଶ, ପ୍ରମାଣ ଅଧିନିୟମ ଅନୁଯାୟୀ ପ୍ରମାଣ ହିସାବରେ ଗ୍ରହଣୀୟ ନୁହେଁ । ଯଦି ଏହି ପ୍ରବେଶ ନିଜେ ଚୌକିଦାରଙ୍କ ଦ୍ୱାରା କରାଯାଇଥାଆନ୍ତା, ତେବେ ଏହି ପ୍ରବେଶ, ପ୍ରମାଣ ଅଧିନିୟମର ଧାରା 35 ଅନୁଯାୟୀ ପ୍ରାସଙ୍ଗିକ ହୋଇଥାନ୍ତା । ଏଠାରେ ଏହା ସ୍ୱୀକାରଯୋଗ୍ୟ, ଯେ ଚୌକିଦାର ନିଜେ ଏହା କରିନଥିଲେ । ଶ୍ରୀ ଅଗ୍ରୱାଲ ଆମକୁ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ ଯେତେବେଳେ ଜଣେ ଅଶିକ୍ଷିତ ସରକାରୀ କର୍ମଚାରୀ ନିଜେ ଏକ ପ୍ରବେଶ ଲେଖିବାରେ ଅସମର୍ଥ ହୁଅନ୍ତି ଏବଂ ସେ ଅନ୍ୟ କାହା ଦ୍ୱାରା ପ୍ରବେଶ କରାଇଥାନ୍ତି, ସେତେବେଳେ ଏହାକୁ ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଏକ ପ୍ରବେଶ ବୋଲି ବିବେଚନା କରାଯିବା ଉଚିତ ।ଏହି ତର୍କକୁ ପ୍ରତ୍ୟାଖ୍ୟାନ କରାଯିବା ଉଚିତ । ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା କୌଣସି ଜନସାଧାରଣଙ୍କ ପାଇଁ କିମ୍ବା ଅନ୍ୟ ସରକାରୀ ପୁସ୍ତକ, ନଥି କିମ୍ବା ଅଭିଲେଖରେ ଏକ ପ୍ରସଙ୍ଗ କିମ୍ବା ପ୍ରାସଙ୍ଗିକ ତଥ୍ୟ ଦର୍ଶାଇ ଏକ ପ୍ରବେଶର ପ୍ରାସଙ୍ଗିକ ହେବାର କାରଣ ହେଉଛି ଯେ ଯେତେବେଳେ ଜଣେ ସରକାରୀ କର୍ମଚାରୀ ନିଜ ସରକାରୀ କର୍ତ୍ତବ୍ୟ ନିର୍ବାହର ଦାୟୀତ୍ୱ ସକାଶେ ନିଜେ ଏହାକୁ କରନ୍ତି, ତେବେ ଏହାର ପ୍ରକୃତରେ ଏବଂ ସଠିକ୍ ଭାବେ ଅଭିଲିଖିତ ହେବାର ସମ୍ଭାବନା ଅଧିକ । ସେହି ସମ୍ଭାବନା ସର୍ବନିମ୍ନ ସ୍ତରକୁ ହ୍ରାସ ପାଏ, ଯେତେବେଳେ ସରକାରୀ କର୍ମଚାରୀ ନିଜେ ଅଶିକ୍ଷିତ ହୋଇଥାନ୍ତି ଏବଂ ଏପରି ପ୍ରବେଶ କରିବା ପାଇଁ ତାଙ୍କୁ ଅନ୍ୟ କାହା ଉପରେ ନିର୍ଭର କରିବାକୁ ପଡ଼ିଥାଏ । ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁ ଯେ ଅଶିକ୍ଷିତ ଚୌକିଦାରଙ୍କ ଦ୍ୱାରା ଅନୁରକ୍ଷଣ କରାଯାଇଥିବା ସରକାରୀ ଅଭିଲେଖରେ ତାଙ୍କ ଅନୁରୋଧରେ ଅନ୍ୟ କାହା ଦ୍ୱାରା କରାଯାଇଥିବା ପ୍ରବେଶ, ପ୍ରମାଣ ଅଧିନିୟମର ଧାରା 35 ମଧ୍ୟରେ ଅନ୍ତର୍ଭୁକ୍ତ ହୁଏ ନାହିଁ ବୋଲି ଧରି ନେବାରେ ଉଚ୍ଚ ନ୍ୟାୟାଳୟ ଠିକ ଥିଲେ । ପ୍ରମାଣ ଅଧିନିୟମର ଅନ୍ୟ କୌଣସି ପ୍ରାବଧାନ ଅନୁଯାୟୀ ପ୍ରମାଣ ହିସାବରେ ଏହି ପ୍ରବେଶ ଗ୍ରହଣୀୟ ବୋଲି ପରାମର୍ଶ ଦିଆଯାଇନାହିଁ । ତେଣୁ ଆବେଦନକାରୀଙ୍କ ବୟସ ବିଷୟରେ ଏକ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ *ହାତ-ଚିଠାରେ* ହୋଇଥିବା ପ୍ରବେଶକୁ ବିଚାରରୁ ବାଦ ଦେବାକୁ ପଡିବ ।

ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।